## ଦେଶୀ ମଦ ସହିତ କାର ଜବତ, ୧ ଗିରଫ

**ଭଦ୍ରକ, ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଅବକାରୀ ଅଧିକ୍ଷକ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ନିରୀକ୍ଷକ ମମତା କୁମାରୀ ଦାସ ଏବଂ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଭଦ୍ରକ ଟାଉନ ଥାନା ଅଧିନସ୍ଥ ଆରଡି ଛକ ଠାରେ ଚଢଉ କରାଯାଇ ୭୦୦ ଲିଟର ଦେଶୀ ମଦ ସହିତ ଗୋଟିଏ ମାରୁତି ସୁଜୁକି ଇକୋ କାର ଗାଡି ଜବତ କରାଯାଇଛି । ଏହି ଚୋରା ମଦ କାରବାରରେ ସମ୍ପୃକ୍ତ ଥିବା ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ଜବତ ମଦ ଓ ଗାଡିର ଆନୁମାନିକ ମୂଲ୍ୟ ସାତ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢାଉରେ ଏଏସ୍‌ଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ଅଜିତ କୁମାର ସିଙ୍କୁ, ରୁଦ୍ରନାରାୟଣ ଦାସ, ସୁଦର୍ଶନ ପଲେଇ, ଜେମାମଣୀ ଜାମୁଦା ପ୍ରଭୃତି ସାମିଲ ଥିଲେ । ଏନେଇ ଭଦ୍ରକ ଅବକାରୀ ଥାନା ପକ୍ଷରୁ ଗୋଟିଏ ମାମଲା ରୁଜୁ କରାଯାଇଛି ।

## କୋଚିଂ ସେଣ୍ଟରରେ ମାତିଛନ୍ତି ସରକାରୀ ଶିକ୍ଷକ ଓ ଅଧ୍ୟାପକ

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ସରକାରୀ ଶିକ୍ଷକମାନେ ଘରୋଇ ଟ୍ୟୁସନ କରିପାରିବେ ନାହିଁ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଯଦି କେହି ଶିକ୍ଷକ ଓ ଅଧ୍ୟାପକ ଘରୋଇ ଟ୍ୟୁସନ କରୁଥିବାର ନଜରକୁ ଆସେ ତେବେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି । ମାତ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ଠିକ ରୁପେ କାର୍ଯ୍ୟକାରୀ ହେଉନଥିବାର ସୁଯୋଗ ନେଇ ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ଖୋଲିଥିବା ଘରୋଇ କୋଚିଙ୍ଗ ସେଣ୍ଟର ଓ ଟ୍ୟୁସନରେ ଏକାଧିକ ସରକାରୀ ଶିକ୍ଷକ ଓ ଅଧ୍ୟାପକ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଉଥିବା ଜଣାପଡିଛି । ଫଳରେ ସରକାରଙ୍କ ନିର୍ଦ୍ଦେଶନାମା ପାଣିର ଗାର ପାଲଟିବା ସହ କେବଳ ଘୋଷଣାରେ ସୀମିତ ଥିବା ଜଣାପଡିଛି । ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ରହିଛି । ମାତ୍ର ଏହି ନିର୍ଦ୍ଦେଶକୁ ସରକାରୀ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ଶିକ୍ଷକ ଓ ଅଧ୍ୟାପକମାନେ ବେଖାତିର କରି ଘରୋଇ ଟ୍ୟୁସନରେ ମାତିଥିବା ଜଣାପଡିଛି । ଅନେକ ସରକାରୀ ଶିକ୍ଷକ ଏବେ ଘରୋଇ ଟ୍ୟୁସନଠାରୁ ଆରମ୍ଭ କରି କୋଚିଙ୍ଗ ସେଣ୍ଟର ଗୁଡିକରେ ଶିକ୍ଷାଦାନ କରୁଥିବା ଜଣାପଡିଛି । ଫଳରେ ସରକାରୀ ଶିକ୍ଷାନୁଷ୍ଠାନ ଅପେକ୍ଷା କୋଚିଙ୍ଗ ସେଣ୍ଟର ଓ ଟ୍ୟୁସନକୁ ସଂପୃକ୍ତ ଶିକ୍ଷକମାନେ ଅଧିକ ଗୁରୁତ୍ୱ ଦେଉଥିବା ସାଧାରଣରେ ଆଲୋଚ଼ନା ହେଉଛି । ଏଥିପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ମହେନ୍ଦ୍ରଗିରିରେ ପର୍ଯ୍ୟଟକ ଗାଡ଼ି ଦୁର୍ଘଟଣାଗ୍ରସ୍ତ




**ଗଜପତି, ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଓ କଟକ ଅଞ୍ଚଳରୁ ଭରା ପର୍ଯ୍ୟଟକ ଥିବା ଦୁଇ ଗାଡ଼ି ଆସି ପବିତ୍ର ମହେନ୍ଦ୍ରଗିରି ଭ୍ରମଣ କରିଥିଲେ । ତେବେ ମହେନ୍ଦ୍ର ଦର୍ଶନ ସାରି ଫେରିବା ଘାଟି ବାଟରେ ଓହ୍ଲାଉଥିବା ସମୟରେ କୌଣସି କାରଣରୁ ପ୍ରଥମ ଗାଡ଼ିଟି ଘାଟି ରାସ୍ତାର ତଳକୁ ଓଲଟି ପଡ଼ିଥିଲା । ଏହା ପଛରେ ଥିବା ଅନ୍ୟ ଏକ ପର୍ଯ୍ୟଟକ ଗାଡ଼ିଟି ମଧ୍ୟ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ହିଁ ପଲଟି ଯାଇଥିଲା ।

ଘଟଣା ସମ୍ପର୍କରେ ଖବର ପାଇ ଗାରାବନ୍ଧ ପୋଲିସ ସଦଳବଳ ପହଞ୍ଚି କିଛି ସ୍ଥାନୀୟ ଲୋକଙ୍କ ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ତେବେ ସୌଭାଗ୍ୟବଶତଃ କାହାରି ବିଶେଷ କ୍ଷତି ହୋଇ ନ ଥିବା ବେଳେ ଏକାଧିକ ବ୍ୟକ୍ତିଙ୍କୁ ସାମାନ୍ୟ ଆହତ ଲାଗିଥିବାର ପୋଲିସ ସୂତ୍ରରୁ ପ୍ରକାଶ ।

## ଜେଏମ୍‌ଏଫସି କୋର୍ଟ ଖୋଲିବା ନେଇ ଅନିଶ୍ଚିତତା

**ନିଆଳି, ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାପଡାରେ ପ୍ରଥମ ଶ୍ରେଣୀ ବିଚ଼ାର ବିଭାଗୀୟ ମାଜିଷ୍ଟ୍ରେଟ କମ୍ ଜୁନିଅର ଡିଭିଜନ ସିଭିଲ ଜର୍ଜ କୋର୍ଟ କାର୍ଯ୍ୟକାରୀ ହେବାକୁ ନେଇ ମାସ ମାସ ନୁହେଁ, ବର୍ଷ ବର୍ଷ ଧରି ବିଳମ୍ବ କାହିଁକି ? ସମଗ୍ର ଓଡ଼ିଶାର ୩୭ଟି ପ୍ରଥମ ଶ୍ରେଣୀ ବିଚ଼ାର ବିଭାଗ ମାଜିଷ୍ଟ୍ରେଟ କମ ଜୁନିଅର ଡିଭିଜନ ସିଭିଲ ଜର୍ଜ କୋର୍ଟ ପ୍ରତିଷ୍ଠା କରାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬/୧୭ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିମଧ୍ୟରୁ କଟକ ଜିଲ୍ଲାର କଣ୍ଟାପଡାରେ କୋର୍ଟ ସ୍ଥାପନ ପାଇଁ ପ୍ରସ୍ତାବ ମଧ୍ୟ ଥିଲା । କଣ୍ଟାପଡାରେ ସରକାରୀ ଜମିର ଯଦିଓ ଅଭାବ ନାହିଁ । କିନ୍ତୁ ସ୍ଥାନୀୟ ନେତୃତ୍ୱ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ଯୋଗୁ କଣ୍ଟାପଡାରେ ପ୍ରଥମ ଶ୍ରେଣୀ ବିଚ଼ାର ବିଭାଗ ମାଜିଷ୍ଟ୍ରେଟ କମ୍ ଜୁନିଅର ଡିଭିଜନ ସିଭିଲ ଜର୍ଜ କୋର୍ଟ ଖୋଲା ଯାଇପାରିନାହିଁ । କୋର୍ଟ ଖୋଲିବାରେ ମାସ ମାସ ନୁହେଁ ବର୍ଷ ବର୍ଷ କାଳ ବିଳମ୍ବ ହେବାରୁ କଣ୍ଟାପଡା ତହସିଲ୍ କାର୍ଯ୍ୟାଳୟ ଆଗରେ କଣ୍ଟାପଡା ସୁରକ୍ଷା ମଞ୍ଚ ଓ ବିଭିନ୍ନ ସଂଗଠନ ଓ ରାଜ ନୈତିକ ଦଳମାନଙ୍କୁ ଏକତ୍ରିତ କରି ଏକ ସର୍ବ ଦଳୀୟ ଆନ୍ଦୋଳନ ତହସିଲ୍ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ଓ ଧାରଣା ଦିଆଯାଇଥିଲା । ଯାହାଫଳରେ କଣ୍ଟାପଡା ଜଳ ସଂପଦ ବିଭାଗର ଅଧୀନରେ ଥିବା ଗୃହକୁ ମରାମତି କରି ଅସ୍ଥାୟୀ କୋର୍ଟ କାର୍ଯ୍ୟାକରିବା ନିମନ୍ତେ ତତ୍ପରତା ଅବଲମ୍ବନ କରାଯାଇଥିଲା । ଏଥିମଧ୍ୟରୁ ତିନିମାସରୁ ଅଧିକ ଦିନ ବିତିଯାଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିଲାନାହିଁ । ଏଥିପାଇଁ କଣ୍ଟାପଡା ଜଳସଂପଦ ବିଭାଗ ନିଜ ଅଧୀନରେ ଥିବା ଏକ ଗୃହକୁ ସେପ୍ଟେମ୍ବର ୨୦ ତାରିଖ ଠାରୁ ଜଳ ସଂପଦ ବିଭାଗ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଛି । ଉକ୍ତ ଗୃହକୁ ପୂର୍ତ୍ତ ବିଭାଗ ଅଧୀନରେ ମରାମତି କରାଯାଉଥିଲେ ମଧ୍ୟ ମରାମତିକୁ ତିନିମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ଗୃହକୁ ଅଧାଅଧି କାମ ହୋଇପାରିନାହିଁ । କଣ୍ଟାପଡା ଭିତ୍ତିଭୂମିର ଅଭାବ ନାହିଁ । କେବଳ ମାନସିକତାରେ ଇଚ୍ଛାଶକ୍ତିର ଅଭାବ ରହିଛି । ଯାହାଫଳରେ କୋର୍ଟର ବିଳମ୍ବକୁ ନେଇ ତୃପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ ସର୍ବଦଳୀୟ ଆନ୍ଦୋଳନ ହେବାପରେ ପୂର୍ତ୍ତ ବିଭାଗ ଅସ୍ଥାୟୀ କୋର୍ଟ ଗୃହର ମରାମତି ଦାୟିତ୍ୱ ନେଇଥିଲା ବିଭାଗୀୟ ଯନ୍ତ୍ରୀ ପ୍ରେମଲତା ଦାସ ନିଜ ମନମର୍ଜିରେ କାମ କରୁଥିବାରୁ କାମରେ ବିଳମ୍ବ ଘଟିଛି । ବିଭାଗୀୟ ଯନ୍ତ୍ରୀ କାମତଦାରକ କରୁନଥିବାବେଳେ କାମ ହେଉଥିବା ଜାଗାକୁ ଜିବା ତ ଦୂରର କଥା କାର୍ଯ୍ୟାଳୟ ଆସୁନାହାନ୍ତି । ପ୍ରତ୍ୟେକ କାମରେ ଠିକାଦାରମାନଙ୍କ ସହିତ ସଲାସୁତରା ରହି ନିମ୍ନମାନର କାମ କରୁଥିବା ତାଙ୍କ ନାମରେ ପୂର୍ବରୁ ଅଭିଯୋଗ ରହିଛି । କୋର୍ଟ କାମରେ ଏଭଳି ବିଳମ୍ବ ପୂର୍ତ୍ତ ବିଭାଗ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ଏନେଇ ବିଭାଗ ସହକରୀ ନିର୍ବାହି ଯନ୍ତ୍ରୀ ମିଞ୍ଜଙ୍କୁ ପଚ଼ାରିବାରୁ କାମ ଚ଼ାଲିଛି ଯଥା ଶ୍ରୀଘ୍ର ସାରିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି ।



## ପୋଲିସ ଗାଡ଼ି ଅଟକାଇଲେ ଗାଁ ଲୋକେ

**ବଲାଙ୍ଗୀର, ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାୟାବରା ଗାଁର ଏକ କୁକୁଡ଼ା ଫାର୍ମର ପଛପଟ ଏକ ଗଛରେ ରବିବାର ଜଣେ ଯୁବକଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା । ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଅକ୍ଷୟ ସୁନା (୨୦) । ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ମଧ୍ୟ ଗାଁରେ ମୃତ୍ୟୁକୁ ନେଇ ଭିନ୍ନ ଆଲୋଚ଼ନା ହେଉଛି । ପ୍ରେମ ସମ୍ପର୍କକୁ ନେଇ ମାଡ଼ପିଟ୍ କାରଣରୁ ଏହି ଘଟଣା ଘଟିଥିବା ଗାଁରେ ଆଲୋଚ଼ନା ହେଉଥିବାବେଳେ ପରିବାର ଲୋକେ ସଦର ଥାନାରେ ହତ୍ୟା ହୋଇଥିବା ନେଇ ଅଭିଯୋଗ କରିଛନ୍ତି । ତେବେ ଯୁବକଙ୍କ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ । ଅଭିଯୋଗ ୩ ଦିନ ପରେ ବଲାଙ୍ଗୀର ସଦର ଥାନା ପୋଲିସ ଗାଁରେ ପହଞ୍ଚିଥିବା ବେଳେ ମାୟାବରା ଗ୍ରାମବାସୀ ମୃତ ଯୁବକ ପରିବାର ଲୋକେ ରାସ୍ତା ଉପରେ ବସି ପୋଲିସ ହତ୍ୟା ଘଟଣାର ତଦନ୍ତ କରୁ ଓ ଦୋଷୀକୁ ଗିରଫ କରିବା ଦାବିରେ ରାସ୍ତା ଉପରେ ବସି ପୋଲିସ ଗାଡ଼ିକୁ ଅଟକାଇ ରଖିଛନ୍ତି । ଜିଲ୍ଲାପାଳ ନ ଆସିବା ପର୍ଯ୍ୟନ୍ତ ଆମେ ପୋଲିସ ଗାଡ଼ିକୁ ଛାଡ଼ିବୁ ନାହିଁ ବୋଲି ଜିଦ୍ ଧରିଛନ୍ତି । ପୋଲିସ ଗାଡ଼ି ୩ ଘଣ୍ଟା ଧରି ଅଟକି ରହିଥିବା ଦେଖିବାକୁ ମିଳିଛି ।

## ରାସ୍ତା ପାଲଟିଛି ମରଣଯନ୍ତା



**ନବରଙ୍ଗପୁର, ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ପୌରାଞ୍ଚଳର ଅଧିକାଂଶ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଥିବା ବେଳେ ଏଥିମଧ୍ୟରୁ କିଛି ରାସ୍ତା ମରଣଯନ୍ତା ପାଲିଟିଛି । ନବରଙ୍ଗପୁର କାର୍ତ୍ତିକ ମନ୍ଦିର ଠାରୁ ଗାନ୍ଧୀନଗରର ଗାନ୍ଧୀ ଛକ ପର୍ଯ୍ୟନ୍ତ ଏବଂ ଜାତୀୟ ରାଜପଥ ଠାରୁ ଇଛାବତୀଗୁଡାକୁ ଯିବା ରାସ୍ତା ମରଣଯନ୍ତା ପାଲଟିଛି । ଦୀର୍ଘ ଦିନ ଧରି ରକ୍ଷଣା ବେକ୍ଷଣା ଅଭାବରୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇ ବ୍ୟବହାର ଅନୁପଯୋଗୀ ହୋଇ ପଡିଛି । ତେବେ ସଂପୃକ୍ତ ଦୁଇ ଗୋଟି ରାସ୍ତା ଉପରେ ଅନେକ ଲୋକ ନିର୍ଭର କରୁଥିବା ବେଳେ ରାସ୍ତା ସର୍ବଦା ଗହଳି ଚହଳି ଲାଗି ରହିଥାଏ । ଅନ୍ୟ ପକ୍ଷରେ ରାସ୍ତାର ଦୁରବସ୍ଥା ଯୋଗୁଁ ପ୍ରତ୍ୟେକ ଦିନ ଦୁର୍ଘଟଣା ବଢି ଚାଲିଛି । ଏଥିପ୍ରତି ପୌର ପାଳିକା କିମ୍ବା ପୂର୍ତ୍ତ ବିଭାଗର ନିଘା ନାହିଁ । ପିଚୁ ରାସ୍ତାରୁ ପିଚୁ ଉଠି ଯିବା ସହ ପିଚୁ ରାସ୍ତା ମାଟି ରାସ୍ତାରେ ପରିଣତ ହେବାରେ ଲାଗିଛି । କାର୍ତ୍ତିକ ମନ୍ଦିର ରାସ୍ତା, ନବରଙ୍ଗପୁର ବ୍ଲକ ସହ ସହରକୁ ଯୋଗାଯୋଗ କରିବାର ମୁଖ୍ୟରାସ୍ତା ହୋଇଥିବା ବେଳେ ଏହି ରାସ୍ତା ଦେଇ କେନ୍ଦ୍ରୀୟ ବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ପ୍ରାଇଭ ପବ୍ଲିକ୍ ସ୍କୁଲ, ଆରଏମସି କାର୍ଯ୍ୟାଳୟ, ସାପ୍ତାହିକ ହାଟ, ଧାନ ମଣ୍ଡି, ଫାଇର ଷ୍ଟେସନ୍ ହିର୍ଲୀ ଡଙ୍ଗର ପର୍ଯ୍ୟଟନ କ୍ଷେତ୍ର ଆଦି ପ୍ରମୁଖ ସ୍ଥାନମାନଙ୍କୁ ଲୋକେ ଯାତାୟତ କରିଥାନ୍ତି । ଏଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାକୁ ଅବହେଳିତ ଅବସ୍ଥାରେ ରଖାଯାଇଥିବାରୁ ପଥିକଙ୍କ ସମେତ ୱାର୍ଡ ନମ୍ବର ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି । ଯୁଦ୍ଧ କାଳୀନଭିତ୍ତିରେ ଏହି ରାସ୍ତାର ମରାମତି ଓ ରକ୍ଷଣା ବେକ୍ଷଣା କରିବା ପାଇଁ ଜନସାଧାରଣମାନେ ଦାବି କରିଛନ୍ତି । ଅନୁରୂପ ଭାବେ ରାଜପଥରୁ ଇଛାବତୀଗୁଡାକୁ ସଂଯୋଗ କରୁଥିବା ରାସ୍ତାକୁ ମଧ୍ୟ ଅତିଶୀଘ୍ର ରକ୍ଷଣା ବେକ୍ଷଣ କରିବା ପାଇଁ ୱାର୍ଡ ନମ୍ବର ୧୭ର ବାସୀନ୍ଦାମାନେ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି ।

## ଗାଈ ଚ଼ରାଳିଙ୍କୁ କଚ଼ାଡି ମାରିଲା ଦନ୍ତା

**ରାଉରକେଲା, ଏକ୍ସପ୍ରେସ୍ ନ୍ୟୁଜ୍**

ଦନ୍ତା ଆକ୍ରମଣରେ ଜଣେ ଗାଈ ଚ଼ରାଳିଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ଘଟିଛି କୁଆରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଅଙ୍କୁରପାଲି ଗ୍ରାମ ପଞ୍ଚାୟତ ବନରାଇ ଗ୍ରାମରେ । ସୂଚ଼ନା ମୁତାବକ, ଗତ ୫ ଦିନ ହେଲା ଏଠାରେ ୧୬ଟିକିଆ ହାତୀପଲ ଆତଙ୍କ ଖେଳାଇଛନ୍ତି । ଆଜି ସକାଳ ପ୍ରାୟ ୮ଟା ସମୟରେ ବନରାଇ ଗ୍ରାମର ଚ଼ନ୍ଦ୍ର ଗୌଡ ଗାଈ ଚ଼ରାଇବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଦନ୍ତା ସାମ୍ନାରେ ପଡି ଯାଇଥିଲେ । ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚ଼ାଡି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ଖବର ପାଇ ବନ ବିଭାଗ କର୍ମଚ଼ାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି । ହାତୀପଲକୁ ଘଉଡ଼ାଇବା ଲାଗି ବନ ବିଭାଗ ପକ୍ଷରୁ ସନ୍ଧ୍ୟାରେ ଉଦ୍ୟମ ଆରମ୍ଭ କରାଯିବ ବୋଲି ସୂଚ଼ନା ମିଳିଛି ।

## ନିଆଁରେ ପୋଡ଼ି ୪ ଗୁରୁତର

**କୋକସରା: ଏକ୍ସପ୍ରେସ ନ୍ୟୁଜ୍**

ରନ୍ଧନ ଗ୍ୟାସ୍ ଲିକେଜ ଥିବା ସମୟରେ ଅସାବଧାନତା କାରଣରୁ ଲାଗିଲା ନିଆଁ । ଦୁର୍ଘଟଣାରେ କୋକସରା ବ୍ଲକ୍ ଟେମେରା ଗାଁ ସତନାମୀପଡ଼ାର ୪ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି । ସମସ୍ତ ଆହତଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚ଼ନାନୁସାରେ, ଟେମେରା ଗ୍ରାମର ଦେବରାଜ ସୁନାନୀଙ୍କ ଘରେ ସୋମବାର ସକାଳେ ରନ୍ଧନ ଗ୍ୟାସ ସିଲିଣ୍ଡର ଲିକେଜ୍ ହୋଇ ନିଆଁ ଲାଗିଯାଇଥିଲା । ଗ୍ୟାସ୍ ସିଲିଣ୍ଡର ବନ୍ଦ କରିବାକୁ ଯାଇ ଦେବରାଜ ସୁନାନୀ ତାଙ୍କର ପରିବାରର ଦୁଷ୍ମନ୍ତ ସୁନାନୀ, ବିକାଶ ସୁନାନୀ, ଭୀମସେନ ପାଣିଗ୍ରାହୀ ନିଆଁରେ ପୋଡ଼ି ଗୁରୁତର ହୋଇଛନ୍ତି । ସମସ୍ତ ଗୁରୁତରଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚ଼ିକିତ୍ସା ଜାରି ରହିଛି ।

## ରମାମଣି ନର୍ସି ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ମୁନିଗୁଡା: ଏକ୍ସପ୍ରେସ ନ୍ୟୁଜ୍**




ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ସଦର ପଞ୍ଚାୟତ ଗୋବର୍ଦ୍ଧନ ଠାରେ ସ୍ଥାନୀୟ ଅଞ୍ଚଳ ଯୁବକ ଯୁବତୀଙ୍କ ଭବିଷ୍ୟତ ତଥା ଆତ୍ମ ନିର୍ଭରଶୀଳ ପାଇଁ ଏକମାତ୍ର ସ୍ୱାସ୍ଥ୍ୟ ଭିତ୍ତିକ ରମାମଣି ନର୍ସି ମହାବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅନୁଷ୍ଠାନରେ ବିଏସି ନର୍ସି, ଏଏନ୍‌ଏମ୍, ଓଜି, ଏନ୍‌ଏମ୍ ଛାତ୍ରଛାତ୍ରୀଙ୍କ ପାଇଁ ଏହି ମହାବିଦ୍ୟାଳୟ । ଏହି ଅନୁଷ୍ଠାନ ଆମ ଅଞ୍ଚଳପାଇ ଗୌରବ ଆଣିଦେଇଛି । ଗୋଟିଏ ବର୍ଷ ମଧ୍ୟରେ ସଫଳତାର ପାଦଦେଇ ଉନ୍ନତମାନର ତାଲିମ ଶିକ୍ଷା ଦିଆଯାଉଥିବା ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ମତପୋଷଣ କରିଛନ୍ତି । ରବିବାରର ପ୍ରଥମ ବାର୍ଷିକ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ପପୁନ୍ ଜେନା, ପରିଚ଼ାଳନା ନିର୍ଦ୍ଦେଶିକା ବନିତାରାଣୀ ପଟ୍ଟନାୟକ, ନିର୍ଦ୍ଦେଶିକା ସୁଶ୍ରୀ ପ୍ରତିଶ୍ରୁତି ପଟ୍ଟନାୟକଙ୍କ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନିଳମାଧବ ହିକକା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଚଳର ବେକାର ଛାତ୍ରଛାତ୍ରୀଙ୍କ ଆତ୍ମନିର୍ଭର ଶୀଳରେ ଏହି ଅନୁଷ୍ଠାନ ସହାୟ ହେଇପାରିବ ବୋଲି ବିଧାୟକ ତାଙ୍କର ମତପେଷଣ କରିଥିଲେ । ମୁନିଗୁଡ଼ା ଏବଂ ବିଷମକଟକ ଓକିଲ ସଂଘର ସଭାପତି ବରିଷ୍ଠ ଆଇନଜୀବି ବୃନ୍ଦାବନ ଗୌଡ, ବିଜେପିର ସ୍ଥାନୀୟ ନେତା ରାମଚ଼ନ୍ଦ୍ର ବେହେରା ଏବଂ ନୋଟାରୀ ପବ୍ଲିକ ଅଧିବକ୍ତା ରାଧାରମଣ ଦାସ, ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଥିଲେ । ଅନୁଷ୍ଠାନର ଡିନର ଅଭିନନ୍ଦନ ଦାସ ଏବଂ ଅଧ୍ୟାପିକା ନମ୍ରତା ନାୟକଙ୍କ ସଂଯୋଜିତ ଉକ୍ତ ଉତ୍ସବର ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତୈଳ ଚ଼ିତ୍ରରେ ମାଲ୍ୟାର୍ପଣ ପ୍ରଦୀପ ପ୍ରଜ୍ୱଳନ ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାର ସଂଯୋଗ ସ୍ଥଳ ଉପାନ୍ତ ମୁନିଗୁଡ଼ା ଠାରେ ଅନୁସୂଚ଼ିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଉଚ୍ଚଶିକ୍ଷା ସହ ନିଯୁକ୍ତି ଦିଗରେ ଏହି ଅନୁଷ୍ଠାନର ଉତ୍ତରୋତ୍ତର ସମୃଦ୍ଧି କାମନା ସହ ମୁଖ୍ୟଅତିଥିଙ୍କ ସମେତ ଅତିଥିମାନେ ରାଜ୍ୟ ତଥା ଅଞ୍ଚଳର ଆବଶ୍ୟକତା ପୂରଣ କରିବାରେ ମହାବିଦ୍ୟାଳୟର ଏକ ମାଇଲଖୁଣ୍ଟ ହେବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋରଞ୍ଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା କାର୍ଯ୍ୟକ୍ରମ ପରିଚ଼ାଳନାରେ ରାଜୀବ ଲୋଚ଼ନ ଦାସ ସହାୟତା କରିଥିଲେ ।

## ବାଣିଜ୍ୟ

## ବିଶ୍ୱସ୍ତରରେ ସର୍ବାଧିକ ଏଆଇ ଗ୍ରହଣକାରୀଙ୍କ ମଧ୍ୟରେ ଭାରତ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ପ୍ରାୟ ୬୨ ପ୍ରତିଶତ ଭାରତୀୟ ନିୟମିତ ଭାବରେ କାର୍ଯ୍ୟସ୍ଥଳରେ ଜେନଏଆଇ ବ୍ୟବହାର କରୁଛନ୍ତି । ଯେତେବେଳେ ୯୦ ପ୍ରତିଶତ ନିଯୁକ୍ତିଦାତା ଏବଂ ୮୬ ପ୍ରତିଶତ କର୍ମଚ଼ାରୀ ବିଶ୍ୱାସ କରନ୍ତି ଯେ ଏଆଇ ଉତ୍ପାଦକତାକୁ ସକାରାତ୍ମକ ଭାବରେ ପ୍ରଭାବିତ କରେ, ସୋମବାରଏକ ରିପୋର୍ଟରେ ଦର୍ଶାଯାଇଛି । ଏହା ସହିତ, ୭୫ ପ୍ରତିଶତ କର୍ମଚ଼ାରୀ ଏବଂ ୭୨ ପ୍ରତିଶତ ନିଯୁକ୍ତିଦାତା ବିଶ୍ୱାସ କରନ୍ତି ଯେ ଜେନଏଆଇ ନିଷ୍ପତ୍ତି ଗ୍ରହଣକୁ ଉନ୍ନତ କରେ, ୮୨ ପ୍ରତିଶତ କର୍ମଚ଼ାରୀ ଏବଂ ୯୨ ପ୍ରତିଶତ ନିଯୁକ୍ତିଦାତା ବିଶ୍ୱାସ କରନ୍ତି ଯେ ଏହା କାର୍ଯ୍ୟର ଗୁଣବତ୍ତା ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ, 'ଇଓ୍ୱାଇ ୨୦୨୫ କାର୍ଯ୍ୟ ପୁନଃକାର୍ଯ୍ୟ ସର୍ଭେ'ରେ କୁହାଯାଇଛି । ରିପୋର୍ଟ ଦର୍ଶାଉଛି ଯେ ଭାରତ ବିଶ୍ୱସ୍ତରରେ ସର୍ବାଧିକ ଏଆଇ ଗ୍ରହଣକାରୀଙ୍କ ମଧ୍ୟରେ ଅଛି, ଏବଂ 'ଏଆଇ ସୁବିଧା' ସ୍କୋରରେ ୫୩ ପଏଣ୍ଟ ସହିତ ଆଗରେ ଅଛି, ଯାହା କର୍ମଚ଼ାରୀମାନେ କେତେ ସମୟ ବଞ୍ଚାନ୍ତି ତାହା ମାପି କାର୍ଯ୍ୟସ୍ଥଳରେ ଏଆଇର ପ୍ରକୃତ ପ୍ରଭାବକୁ ପରିମାଣିତ କରିବା ପାଇଁ ବିକଶିତ ହୋଇଛି, ଯେତେବେଳେ ବିଶ୍ୱ ହାରାହାରି ସ୍କୋର ୩୪ ପଏଣ୍ଟରେ ରହିଛି । ସର୍ଭେ, ବର୍ତ୍ତମାନ ଏହାର ଷଷ୍ଠ ସଂସ୍କରଣରେ, ବିଶ୍ୱସ୍ତରରେ ୨୯ଟି ବଜାରରେ ୧୫,୦୦୦ କର୍ମଚ଼ାରୀ ଏବଂ ୧,୫୦୦ ନିଯୁକ୍ତିଦାତାଙ୍କଠାରୁ ଅନ୍ତଃଦୃଷ୍ଟି ଆଣୁଛି । ରିପୋର୍ଟ ଅନୁଯାୟୀ, ଭାରତରେ, ଯେଉଁଠାରେ ୮୦୦ କର୍ମଚ଼ାରୀ ଏବଂ ୫୦ ଜଣ ନିଯୁକ୍ତିଦାତାଙ୍କୁ ସର୍ଭେ କରାଯାଇଥିଲା, ଏକ ଦୃଢ଼ ପରିବେଶ ପରିବର୍ତ୍ତିତ ଏଆଇ ଦୃଶ୍ୟପଟରେ କର୍ମଚ଼ାରୀଙ୍କ ନିୟୋଜିତତା ଏବଂ ସ୍ଥିରତାକୁ ସମର୍ଥନ କରେ । ଭାରତରେ ମଧ୍ୟ ୮୨ 'ପ୍ରତିଭା ସ୍ୱାସ୍ଥ୍ୟ' ସ୍କୋର ରହିଛି, ଯାହା ମୂଲ୍ୟାଙ୍କିତ ସମସ୍ତ ଭୌଗୋଳିକ କ୍ଷେତ୍ର ମଧ୍ୟରେ ସର୍ବୋଚ୍ଚ । ଏହି ସ୍କୋର ସଂସ୍କୃତି, ପୁରସ୍କାର ଏବଂ ବିକାଶ ସମ୍ପର୍କରେ କର୍ମଚ଼ାରୀଙ୍କ ଭାବନାକୁ ମାପିଥାଏ, ଯାହା ସାମୂହିକ ଭାବରେ ପ୍ରତିଭା ସ୍ୱାସ୍ଥ୍ୟର ମୂଳଦୁଆ ଗଠନ କରିଥାଏ ।

ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବିଶ୍ୱ ହାରରେ 'ପ୍ରତିଭା ସ୍ୱାସ୍ଥ୍ୟ' ସ୍କୋର ୧୦୦ରୁ ୬୫ ରହିଛି, ଯେଉଁଥିରେ ସଂସ୍କୃତି ୪୪ ପ୍ରତିଶତ, ପୁରସ୍କାର ୩୨ ପ୍ରତିଶତ ଏବଂ ବିକାଶ ୨୪ ପ୍ରତିଶତ ଅଟେ ।

'ଭାରତ ଏଆଇ ଗ୍ରହଣରେ ଦୃଢ଼ ଅଗ୍ରଗତି କରିଛି, ଏବଂ ସଂଗଠନଗୁଡ଼ିକ ଉତ୍ପାଦକତା, ଦକ୍ଷତା ଏବଂ କର୍ମଚ଼ାରୀ ଅଭିଜ୍ଞତାକୁ ସନ୍ତୁଳିତ କରିବା ପାଇଁ ଅଧିକ ଉଦ୍ଦେଶ୍ୟମୂଳକ ଦୃଷ୍ଟିକୋଣ ଗ୍ରହଣ କରୁଛନ୍ତି । ଏଆଇ ସମେତ ପ୍ରଯୁକ୍ତିବିଦ୍ୟା କାମ କିପରି କରାଯାଏ ତାହା ବର୍ଦ୍ଧିତ ଭାବରେ ଆକାର ଦେଉଛି, କିନ୍ତୁ ପ୍ରକୃତ ପ୍ରଭାବ ନିଯୁକ୍ତିଦାତାମାନେ ପ୍ରତିଭା ସ୍ୱାସ୍ଥ୍ୟ, କ୍ଷମତା ଏବଂ କର୍ମଶକ୍ତି ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ଏହାକୁ କିପରି ବ୍ୟବହାର କରୁଛନ୍ତି ତାହା ଉପରେ ପଡ଼ିଥାଏ, ଅନୁରାଗ ମଲିକ, ପାର୍ଟନର ଏବଂ ନ୍ୟାସନାଲ୍ ଲିଡର – ପିପୁଲ୍ କନସଲ୍ଟିଂ, ଇଓ ଇଣ୍ଡିଆ କହିଛନ୍ତି । ନିଷ୍କର୍ଷଗୁଡ଼ିକ ମଧ୍ୟ ପ୍ରକାଶ କରନ୍ତି ଯେ ନିଯୁକ୍ତିଦାତା ଏବଂ କର୍ମଚ଼ାରୀମାନେ ଏଆଇ ଶାସନକୁ କିପରି ଦେଖନ୍ତି । ପ୍ରାୟ ୯୪ ପ୍ରତିଶତ ନିଯୁକ୍ତିଦାତା ଏବଂ ୮୯ ପ୍ରତିଶତ କର୍ମଚ଼ାରୀ ନିରନ୍ତର ଭାବରେ ନୈତିକ ଏବଂ ଦାୟିତ୍ୱପୂର୍ଣ୍ଣ ଏଆଇ କ୍ଷେତ୍ରରେ ଉଚ୍ଚ ସ୍ତରର ଆତ୍ମବିଶ୍ୱାସ ରିପୋର୍ଟ କରନ୍ତି । ଭାରତରେ ୮୭ ପ୍ରତିଶତ କର୍ମଚ଼ାରୀ ଏବଂ ୯୦ ପ୍ରତିଶତ ନିଯୁକ୍ତିଦାତା ଉଭୟ କୁହନ୍ତି ଯେ ନୂତନ କୌଶଳ ଶିଖିବା ଜରୁରୀ – ପ୍ରକୃତ ଶିକ୍ଷା ସମୟ ସୀମିତ ରହିଛି । ବିଶ୍ୱସ୍ତରରେ ଅଧିକାଂଶ କର୍ମଚ଼ାରୀ ଏଆଇ ଶିକ୍ଷାରେ ବର୍ଷକୁ ୪୦ ଘଣ୍ଟାରୁ କମ୍ ସମୟ ବିତାଉଥିବା ରିପୋର୍ଟ କରନ୍ତି । ତଥ୍ୟ ସଂରଚ଼ିତ ଦକ୍ଷତା ପାଇଁ ଏକ ଆକର୍ଷଣୀୟ କାରଣ ସୃଷ୍ଟି କରେ: ଯେଉଁମାନେ ଏଆଇ ଶିକ୍ଷାରେ ଅଧିକ ସମୟ ବିନିଯୋଗ କରନ୍ତି ସେମାନେ ଛାଡିବାର ଇଚ୍ଛା ସ୍ପଷ୍ଟ ଭାବରେ କମ୍ ଦେଖାନ୍ତି । ରିପୋର୍ଟରେ କୁହାଯାଇଛି ଯେ ଉଚ୍ଚ ଶିକ୍ଷା ସମୟ ମଧ୍ୟ ସିଧାସଳଖ ପ୍ରତି ସପ୍ତାହରେ ଅଧିକ ଘଣ୍ଟା ସଞ୍ଚୟ କରିଥାଏ, ଯାହା ନିରନ୍ତର ଦକ୍ଷତା ବିକାଶର ଉତ୍ପାଦକତା ପ୍ରଭାବକୁ ସୁଦୃଢ଼ କରିଥାଏ ।

## ବିବାଦରେ କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟ

### ପୂର୍ବତନ ପ୍ରଧାନଶିକ୍ଷକଙ୍କ ବିରୋଧରେ ଚାଉଳ ହେରଫେର ଅଭିଯୋଗ

**କୋଦଳା, ଏକ୍ସପ୍ରେସ୍ ନ୍ୟୁଜ୍**




ବିଦ୍ୟାଳୟରୁ ୧୪୪ ବସ୍ତା ଚ଼ାଉଳ ହେରଫେର କରି ବିବାଦ ଘେରକୁ ଆସିଛନ୍ତି ଜଣେ ପୂର୍ବତନ ପ୍ରଧାନ ଶିକ୍ଷକ । ଗଞ୍ଜାମ ଜିଲ୍ଲା କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା । ଦୀର୍ଘ ବର୍ଷ ଧରି ଏଠାରେ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହି ମଧ୍ୟାହ୍ନ ଭୋଜନ ଚ଼ାଉଳ ହରିଲୁଟ୍ କରିଥିଲେ । ତାଙ୍କର ବଦଳି ହେବା ପରେ ଯେତେବେଳେ ଆଉ ଜଣେ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ ସେତେବେଳେ ଏଭଳି ହେରଫେର ଘଟଣା ସାମ୍ନାକୁ ଆସିଥିଲା । ଗତ ଡିସେମ୍ବର ୧୨ ତାରିଖରେ ସୂର୍ଯ୍ୟ ନାରାୟଣ ଜେନାଙ୍କୁ କାଳିମେଘି ଜାଗିଲିପଦର ନୋଡାଲ ଉଚ୍ଚ ବିଦ୍ୟାଳୟକୁ ବଦଳି ହୋଇଛି । ତେବେ କୋଦଳା ନୋଡାଲ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ନେଇଛନ୍ତି ସରୋଜ ମାଝୀ । ପୂର୍ବତନ ପ୍ରଧାନ ଶିକ୍ଷକ ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ବେଳେ ୧୪୪ ବସ୍ତା ଚ଼ାଉଳ କମ୍ ଥିବା ଜଣାପଡ଼ିଛି । ଯାହାକୁ ନେଇ ଚ଼ାଉଳ ହଡପ୍ ଘଟଣାର ଗୁମର ପଦାକୁ ଆସିଥିଲା । ୨୧୭ ବସ୍ତା ଚ଼ାଉଳ ରହିବା କଥା । ଥିଲା ୭୫ ବସ୍ତା । ୧୪୪ ବସ୍ତା ଚ଼ାଉଳ କାହିଁକି କମ୍ ରହିଲା ଓ କୁଆଡେ ଗଲା ଚ଼ାଉଳ ଏହାକୁ ନେଇ ପରିଚ଼ାଳନା କମିଟି ସମେତ ଗଣମାଧ୍ୟମ ପ୍ରତିନିଧି ସୂଚ଼ନା ପାଇ ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନାଙ୍କୁ ପଚ଼ାରିଥିଲେ । ତେବେ ଉଇ ଖାଇ ଯାଇଥିବା କହିଥିଲେ ପୂର୍ବତନ ପ୍ରଧାନଶିକ୍ଷକ । ଘଟଣା ସଂପର୍କରେ ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ପୁଣି ସଂପୃକ୍ତ ଚ଼ାଉଳକୁ ଫେରାଉ ଦେଇଥିବା ଜଣାପଡିଛି । ତେବେ ପ୍ରଶ୍ନ ଉଠୁଛି ସରକାରୀ ଚ଼ାଉଳ ବିଦ୍ୟାଳୟରୁ ବାହାରକୁ ଗଲା କିପରି ? ବିବାଦ ପରେ ପୁଣି ଆସିଲା କିପରି ? କେତେ ଦିନ ଧରି ଚ଼ାଲିଥିଲା ଏଭଳି ଚୋରି ? ବେଗୁନିଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଗୋଚ଼ରରେ ଏଭଳି ବେଆଇନ କାର୍ଯ୍ୟ ହେଲା କିପରି ? ସେପଟେ ଏହି କେଳେଙ୍କାରୀର ଗୁମର ସୂଚ଼ନା ତଥ୍ୟ ଆଧାରରେ ଧରାପଡିଛି । ଧରାପଡ଼ିଲା ପରେ ସଫେଇ ଦେଉଛନ୍ତି ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା । ସେପଟେ ଘଟଣାକୁ ନେଇ ବେଗୁନିଆପଡ଼ା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ଜେନା ତଦନ୍ତ କରାଯିବ ବୋଲି କହିଛନ୍ତି । ଖାଲି ସେତିକି ନୁହେଁ, ଉକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଥିବାବେଳେ ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ବିଭିନ୍ନ ଯୋଜନାରେ ସରକାରୀ ଅର୍ଥ ଲୁଟ୍ କରିଥିବା ଅଭିଯୋଗ ହୋଇଛି । ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଅଭିଭାବକ ଓ ପରିଚ଼ାଳନା କମିଟି ।

## 'ଟକ୍ସିକ୍'ରେ କିଆରାଙ୍କ ଫାଷ୍ଟ ଲୁକ୍ ଜାରି

### ସିନେମାଫିନେମା ଟିଭିଫିଭି




ଯଶଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଟକ୍ସିକ' ଏବେ ସିନେମା ହଲରେ ମୁକ୍ତିଲାଭ କରିବା ପାଇଁ ପ୍ରସ୍ତୁତ । ନିର୍ମାତାମାନେ ଫିଲ୍ମର ଷ୍ଟାରକାଷ୍ଟ ଉପରୁ ଧୀରେ ଧୀରେ ପରଦା ଉଠାଇଛନ୍ତି । ଫିଲ୍ମରେ କିଆରା ଆଡଭାନୀଙ୍କ ଏଣ୍ଟ୍ରି ହୋଇଛି । ସୋମବାର ଫିଲ୍ମ ନିର୍ମାତା କିଆରା ଆଡଭାନୀଙ୍କ ଫାଷ୍ଟ ଲୁକ୍ ରିଲିଜ୍ କରିଛନ୍ତି । ଯାହା ଫିଲ୍ମରେ ସେ ଅଭିନୟ କରୁଥିବା ଚ଼ରିତ୍ରର ଏକ ଝଲକ ପ୍ରଦାନ କରିଛି । କିଆରାଙ୍କ ଏହି ଲୁକ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ବେଳେ ଲୋକେ ଏହାକୁ ଖୁବ ପସନ୍ଦ କରିଛନ୍ତି ।

'ଟକ୍ସିକ'ରେ କିଆରା ଆଡଭାନୀଙ୍କ ଚ଼ରିତ୍ରର ଫାଷ୍ଟ ଲୁକ୍ ରବିବାର ସକାଳେ ରିଲିଜ୍ ହୋଇଛି । ଫିଲ୍ମର ମୁଖ୍ୟ ଅଭିନେତା, ଯଶ, ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ କିଆରାଙ୍କ ଚ଼ରିତ୍ରର ଏକ ପୋଷ୍ଟର ସେୟାର କରିଛନ୍ତି । ପୋଷ୍ଟରରେ କିଆରାଙ୍କ ଲୁକ୍ ବିଷୟରେ କହିବାକୁ ଗଲେ, କିଆରା ଏକ ବ୍ଲାକ ଗାଉନରେ ନଜର ଆସିଛନ୍ତି । ସେ ଡ୍ୟାନ୍ସ ଫ୍ଲୋରର ସ୍ପଟଲାଇଟରେ ଠିଆ ହୋଇଛନ୍ତି । 'ଟକ୍ସିକ' ଫିଲ୍ମଟି ଗୀତୁ ମୋହନ ଦାସଙ୍କ ଦ୍ୱାରା ନିର୍ଦ୍ଦେଶିତ । ଭେଙ୍କଟ ନାରାୟଣ ଏବଂ ଯଶ ପ୍ରଯୋଜକ । କେଭିଏନ ପ୍ରଡକ୍ସନ୍ସ ଏବଂ ମନଷ୍ଟର ମାଇଣ୍ଡ କ୍ରିଏସନ୍ସ ବ୍ୟାନରରେ ନିର୍ମିତ, ଏହି ଫିଲ୍ମର ସିନେମା ଟୋଗ୍ରାଫର ହେଉଛନ୍ତି ରାଜୀବ ରବି । ଏହି ଫିଲ୍ମରେ ଯଶ ଏବଂ କିଆରା ଆଡଭାନୀ ଅଭିନୟ କରିଛନ୍ତି । ମାଆ ହେବା ପରେ ଏହା କିଆରା ଆଡଭାନୀଙ୍କ ପ୍ରଥମ ଫିଲ୍ମ ।

ତାରା ସୁତାରିଆ, ହୁମା କୁରେଶୀ, ରୁକ୍ମଣୀ ବସନ୍ତ, ଅକ୍ଷୟ ଓବେରୟ ଏବଂ ସୁଦେବ ନାୟର ମଧ୍ୟ ଏହି ଫିଲ୍ମର ଅଂଶ ହେବେ । ଫିଲ୍ମଟି ଏକକାଳୀନ କନ୍ନଡ ଏବଂ ଇଂରାଜୀରେ ସୁଟିଂ କରାଯାଇଛି ଏବଂ ଏହା ୧୯ ମାର୍ଚ୍ଚ, ୨୦୨୬ରେ ଉଗାଦିରେ ୬ଟି ଭାଷାରେ ମୁକ୍ତିଲାଭ କରିବାର ଯୋଜନା ରହିଛି । ଏହି ଫିଲ୍ମଟି ଇଂରାଜୀ ଏବଂ କନ୍ନଡ ଭାଷାରେ ନିର୍ମିତ ହେଉଛି, ଏବଂ ଏହା ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲାୟଲମ ସହିତ ଅନେକ ଅନ୍ୟାନ୍ୟ ଭାରତୀୟ ଏବଂ ଅନ୍ତର୍ଜାତୀୟ ଭାଷାରେ ମୁକ୍ତିଲାଭ କରିବ ।

